# ODM PUBLIC SCHOOL

**DATE :**
**SESSION : 7**
**CLASS : v**
**SUBJECT : (ଓଡିଆ)**
**CHAPTER NUMBER:04**
**CHAPTER NAME : ନୂଆଖାଇ**
**SUBTOPIC :ବହି ପ୍ରଶ୍ନଉତ୍ତର**

CHANGING YOUR TOMORROW

# LEARNING OBJECTIVE

ବିଷୟବସ୍ତୁ ଆଧାରରେ ଲବ୍ଧଜ୍ଞାନ ।

# ପ୍ରଶ୍ନ୮-ତଳେ ଦିଆଯାଇଥବା ପ୍ରଶ୍ନଗୁଡିକର ଉତ୍ତର ଲେଖିବା ।

୮-(କ) ନୂଆଖାଇ ପର୍ବ କେବେ ପାଳନ କରାଯାଏ ?
(ଖ) ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ କିପରି ନିଜକୁ ପ୍ରସ୍ତୁତ କରନ୍ତି ?
(ଗ) 'ନୂଆଖାଇ ଜୁହାର' କିଏ କାହାକୁ କରନ୍ତି ?
(ଘ) 'ନୂଆଖାଇ ଭେଟଘାଟ'କେତେବେଳେ ହୋଇଥାଏ ?
(ଙ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ଲେଖ ।

ODM PUBLIC SCHOOL
SCHOOL OF HUMAN EXCELLENCE

# ଉତ୍ତର

୮-(କ) ନୂଆଖାଇ ପର୍ବ ଭାଦ୍ରବମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ ।
(ଖ)ଏହି ପର୍ବ ପାଳନ ପୂର୍ବରୁ ଘର ଲିପାପୋଛା,ଘର ସଜାସଜି,ପୂଜା ପାଇଁ ଧୂପ,ଦୀପ,ମିଠାପିଠା ,ନୂଆବସ୍ତ୍ର ଆଦି ସଂଗ୍ରହ କରି ପ୍ରସ୍ତୁତ ହୁଅନ୍ତି ।
(ଗ) 'ନୂଆଖାଇ ଜୁହାର'ସାନମାନେ ବଡ଼ମାନଙ୍କୁ କରନ୍ତି ।
(ଘ) ନୂଆଖାଇ ସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରନ୍ତି,ଏତିକିବେଳେ 'ନୂଆଖାଇ ଭେଟଘାଟ'ହୋଇଥାଏ ।
(ଙ) ଆମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମହେଲା,ରଜ,ବାଲିଯାତ୍ରା,ରଥଯାତ୍ରା,ଦୁର୍ଗାପୂଜା,ହୋଲି ଇତ୍ୟାଦି ।

ODM PUBLIC SCHOOL
SCHOOL OF HUMAN EXCELLENCE

# ପ୍ରଶ୍ନ୯-ନିଜ ଭାଷାରେ ବୁଝାଇ ଲେଖିବା ।

‘ଏଥିରେ ଜାତିଅଜାତି,ଉଚ୍ଚନୀଚ,ଭେଦଭାବ ନ ଥାଏ’।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ବିପିନ ବିହାରୀ ବିଶିଙ୍କ ଦ୍ୱାରା ଲିଖିତ ‘ନୂଆଖାଇ’ ପ୍ରବନ୍ଧରୁ ଆସିଅଛି।ଏଠାରେ ଲେଖକ ନୂଆଖାଇ ପର୍ବର ବିଶେଷତ୍ୱ ସମ୍ବନ୍ଧରେ ଲେଖିଛନ୍ତି ।

ଆମ ଓଡ଼ିଶାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ନୂଆଖାଇ ପର୍ବ ହେଉଛି ଗୋଟିଏ । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏଁ ଏହି ପର୍ବକୁ ଯାକଯମକରେ ପାଳନ କରାଯାଏ । ଧୂପ,ଦୀପ,କର୍ପୁର,ଚନ୍ଦନ ରେ ଘର ମହକି ଉଠେ । ବିଭିନ୍ନ ପ୍ରକାର ମିଠାପିଠାର ମଜା ନିଅନ୍ତି ଲୋକମାନେ । କାହା ମନରେ ରାଗରୁଷା, ମାନଅଭିମାନ ନ ଥାଏ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବ ସୃଷ୍ଟି ହୋଇଥାଏ । ଜାତି,ଧର୍ମ,ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଉତ୍ସାହ ଓ ଉଦ୍ଦୀପନାରେ ଏହି ପର୍ବ ପାଳନ କରିଥାନ୍ତି । କାହା ମନରେ ଜାତିଅଜାତି,ଉଚ୍ଚନୀଚ,ଭେଦଭାବ ନ ଥାଏ ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

ODM PUBLIC SCHOOL
SCHOOL OF HUMAN EXCELLENCE

## ପ୍ରଶ୍ନ୭-ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି ।
## ଏହି ବାକ୍ୟରେ 'ଓ',ଯଦି ଶବ୍ଦ ଦୁଇଟି ଅବ୍ୟୟପଦ । ସେହିପରି ତଳ ବାକ୍ୟଗୁଡିକରେ ଥିବା ଅବ୍ୟୟପଦକୁ ବାଛି ଲେଖିବା ।

ପ୍ରଶ୍ନ୭-(କ) ମୁଁ ତାକୁ ଡାକିଲି,କିନ୍ତୁ ସେ ଆସିଲା ନାହିଁ ।
(ଖ)ବୃକ୍ଷଲତା ତ ଆମର ବନ୍ଧୁ ।
(ଗ) ଅଳସୁଆ ହୋଇ ବସ ନାହିଁ,ବରଂ କିଛି କାମ କର ।
(ଘ) ମୁଁ ତାକୁ ଏତେ ଅନୁରୋଧ କଲି, ତଥାପି ସେ ମୋ କଥା ଶୁଣିଲା ନାହିଁ ।
(ଙ) ସେ ଆଜି ଆସିଥିଲେ, ପୁଣି କାଲି ଆସିବେ ।

## ଗୃହକର୍ମ

ଆଲୋଚିତ ପ୍ରଶ୍ନ ୭ ର ଉତ୍ତର ଖାତାରେ କର ।

ODM PUBLIC SCHOOL
SCHOOL OF HUMAN EXCELLENCE

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP